# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ

(ପୁରୀ ଜିଲ୍ଲାର ପୁରୀ ତହସିଲ ଅନ୍ତର୍ଗତ ୪ ଗୋଟି ଗ୍ରାମରେ ଶ୍ରୀସେତୁ ପ୍ରକଳ୍ପର ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମ୍ପର୍କେ)

## ବୈଧାନିକ ବ୍ୟବସ୍ଥା

ଶ୍ରୀସେତୁ ପ୍ରକଳ୍ପ ନିର୍ମାଣ ନିମନ୍ତେ ପୁରୀ ଜିଲ୍ଲାର ପୁରୀ ତହସିଲ ଅନ୍ତର୍ଗତ ୪ ଗୋଟି ଗ୍ରାମରେ ଏ ୩୭.୯୮୪ ଡିସିମିଲି ବ୍ୟକ୍ତିଗତ ମାଲିକାନ, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମାଲିକାନା, ମଠର ମାଲିକାନା ଓ ସରକାରୀ ଜମି ଅଧିଗ୍ରହଣ ନିମନ୍ତେ ରାସ୍ତା ଓ ପୂର୍ତ୍ତ ବିଭାଗ, ପୁରୀ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତସମ୍ପର୍କେ "ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ ସ୍ୱଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ-ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନା ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ନିମ୍ନମତେ ପ୍ରକାଶିତ ହୋଇଅଛି।

## ଅଧିସୂଚନା:-

| କ୍ରମିକ ସଂଖ୍ୟା | ଗ୍ରାମ/ମୌଜା | ସରକାରୀ | ଜଗନ୍ନାଥ ମହାପ୍ରଭୁ ଜମି | ମଠ | ବ୍ୟକ୍ତିଗତ ଜମି | ସର୍ବୋମୋଟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ସମଙ୍ଗ | 0.0୧୧ | ୩.୮୪ | ୫.୮ | ୮.୩୦୭୨ | ୧୭.୯୫୮୨ |
| ୨ | ମାଟିତୋଟା ସାହି | 0.୧୭୨ | ୭.୮୭୭ | 0.୫୮୪ | ୩.୬୦୪ | ୧୨.୨୨୭ |
| ୩ | ଦାଣ୍ଡିମାଳ ସାହି | 0.୧୦୦ | ୨.୫୦୮ | 0.000 | 0.୦୨୩ | ୨.୬୩୧ |
| ୪ | ମାର୍କଣ୍ଡେଶ୍ୱର ସାହି | ୩.୪୬୫ | ୦.୩୫୪ | 0 | ୧.୩୪୯ | ୫.୧୬୮ |
| ସର୍ବୋମୋଟ | | ୩.୭୩୮ | ୧୪.୫୭୯ | ୬.୩୮୪ | ୧୩.୨୮୩ | **୩୭.୯୮୪** |

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଉକ୍ତ ଅଧିସୂଚନା ମତେ " ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବ କୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱରକୁ ହସ୍ତାନ୍ତର କରଯାଇଥିଲା । ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଆର୍ଦ୍ରା କନସଲଟିଙ୍ଗ ସର୍ଭିସ ପ୍ରାଇଭେଟ ଲିମିଟେଡ ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟୀତ୍ୱ ଅର୍ପଣ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ ବିବରଣୀ, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ସ୍ଥଳୀ, ଆତ୍ମ ନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ଓ ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)" ମଧ୍ୟ ପ୍ରସ୍ତୁତ କରାଯାଇଛି ।

## ଜନଶୁଣାଣି (ଧାରା-୫)

"ଉଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣ ଥଇଥାନ ଓ ପୁନର୍ବାସ ଆଇନ-୨୦୧୩ ଧାରା ୫ ଅନୁସାରେ ୪ ଗୋଟି ପ୍ରଭାବିତ ମୌଜା ଯଥା- ସମଙ୍ଗ, ମାଟିତୋଟା ସାହି, ମାର୍କଣ୍ଡେଶ୍ୱର ସାହି ଓ ଦାଣ୍ଡିମାଳ ସାହି ର ତା-୧୪.୧୦.୨୦୨୦ ରିଖରେ ଜନଶୁଣାଣି କାର୍ଯ୍ୟକ୍ରମ ଯଥାକ୍ରମେ ସମଙ୍ଗ ପଞ୍ଚାୟତ କାର୍ଯାଳୟ, ମା ବିଶେଶ୍ୱରୀ ଠାକୁରାଣୀ ପିଠ, ମାର୍କଣ୍ଡେଶ୍ୱର ସାହି, ମାଟିତୋଟା ସାହି କୋଠଘର ଏବଂଜଗନ୍ନାଥ ବଲ୍ଲଭ ମଠ ପ୍ରାଙ୍ଗଣ,ଦାଣ୍ଡିମାଳ ସାହି ମାନଙ୍କରେ ଆୟୋଜନ କରଯାଇଥିଲା । ପ୍ରଭାବିତ ଗ୍ରାମ ଏବଂ ୱାର୍ଡ ମାନଙ୍କରେ ଜନଶୁଣାଣି ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ଯେଉଁ ବ୍ୟକ୍ତିମାନେ କୋଭିଡ ନିୟମାବଳୀ ପାଇଁ ଜନଶୁଣାଣିକୁ ସ୍ଥାନକୁ ଆସିପାରିବେ ନାହିଁ, ସେମାନଙ୍କ ପାଇଁ Google Meet ମାଧ୍ୟମରେ ଏକ online Virtual ଜନଶୁଣାଣି ସନ୍ଧ୍ୟା ୬ ଘଟିକା ତା-୧୪.୧୦.୨୦୨୦ ରିଖରେ ଆୟୋଜନ କରାଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମ ଯଥାକ୍ରମେ ସମଙ୍ଗ ପଞ୍ଚାୟତ କାର୍ଯାଳୟ, ମା ବିଶେଶ୍ୱରୀ ଠାକୁରାଣୀ ପିଠ, ମାର୍କଣ୍ଡେଶ୍ୱର ସାହି, ମାଟିତୋଟା ସାହି କୋଠଘର ଏବଂଜଗନ୍ନାଥ ବଲ୍ଲଭ ମଠ ପ୍ରାଙ୍ଗଣ,ଦାଣ୍ଡିମାଳ ସାହି ମାନଙ୍କରେ ଆୟୋଜନ କରଯାଇଥିଲା, ଉକ୍ତ ଜନଶୁଣାଣି ଗୁଡିକର ବିଶଦ ବିବରଣୀ ଚୁଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣର ଅନୁଧ୍ୟାନ ସର୍ବେକ୍ଷଣ ବିବରଣୀ ବର୍ଣ୍ଣନା ହୋଇଅଛି।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସିମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ନିଜର ପ୍ରଭାବିତ ଜମିକୁ ପ୍ରକଳ୍ପ ପାଇଁ ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ।

## ପ୍ରକାଶନ(ଧାରା-୬)

ସମସ୍ତ ୪ ଗୋଟି ପ୍ରଭାବିତ ଗ୍ରାମର ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା " ସାମାଜିକ ପ୍ରଭାବ ପରିଚାଳନା ଯୋଜନା" ବିବରଣୀକୁ ଆଇନର ଧାରା ୬ ମତେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣ କେନ୍ଦ୍ର ଚିଠି ସଂଖ୍ୟା- SIA-୬୦୦, ତା .୦୬.୧୧.୨୦୨୦ ଦ୍ୱାରା ବିଧିବଦ୍ଧ ଭାବେ ପ୍ରକାଶନ କରଯାଇଥିଲା ।

## ଆଇନର ଧାରା ୭ ଉପଧାରା ୧ ଅନୁସାରେ " ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡାନ୍ତ ସାମାଜିକ ପ୍ରଭାବ ଆଇନର ଅଧ୍ୟୟନ ମୂଲ୍ୟାୟନ ଓ ସୁପାରିଶ:-

"ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩" ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ" ଦଳଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କୁ ଜଣାଇବାର ବ୍ୟବସ୍ଥା ହୋଇଅଛି ।

ତେଣୁ ଉକ୍ତ ଆଇନର ଧାରା (୭) ଉପଧାରା (୧) ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ " ବିଶେଷଜ୍ଞ ଦଳ" ଜିଲ୍ଲାପାଳ, ପୁରୀଙ୍କ ଚିଠି ସଂଖ୍ୟା ୧୨୩୪/ ତା-୧୫.୧୦.୨୦୨୦ ଦ୍ୱାରା ଗଠନ କରାଯାଇଅଛି।

ସ୍ୱତନ୍ତ୍ର- ବହୁଦର୍ଶୀ ବିଶେଷଜ୍ଞ ଦଳ

୧. ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ - ଅଧକ୍ଷ- ତଥା ବୈଷୟିକ ବିଶେଷଜ୍ଞ

୨. ଶ୍ରୀଯୁକ୍ତ ଭବତାରଣ ସାହୁ, ଉପ-ଜିଲ୍ଲାପାଳ, ପୁରୀ - ସଭ୍ୟ - ତଥା- ଆବାହକ

୩. ଡ: ରବୀନ୍ଦ୍ର ନାଥ ମିଶ୍ର, ଅବସରପ୍ରାପ୍ତ ଅଧକ୍ଷ, ସୁରଜମଲ ସାହା ମହାବିଦ୍ୟାଳୟ- ସାମାଜିକ ବିଶେଷଜ୍ଞ

୪. ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ଅଧାପକ ସାମାଜିକ ବିଜ୍ଞାନ - ସାମାଜିକ ବିଶେଷଜ୍ଞ

୫. ଶ୍ରୀ ଲମ୍ବୋଧର ସାହୁ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ - ଥଇଥାନ ବିଶେଷଜ୍ଞ

୬. ଶ୍ରୀ ଲିଙ୍ଗରାଜ ପଣ୍ଡା,ଉପଦେଷ୍ଟା ଥଇଥାନ ଓ ପୁନର୍ବାସ - ଥଇଥାନ ବିଶେଷଜ୍ଞ

୭. ଶ୍ରୀ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ପୁରୀ ପୌରପାଳିକା - ପୌରପାଳିକା ପ୍ରତିନିଧି

୮. ଶ୍ରୀ ସ୍ୱାଧୀନ କୁମାର ନାୟକ, ଚେୟାରମ୍ୟାନ , ଅସ୍ତରଙ୍ଗ ପଞ୍ଚାୟତ ସମିତି - ପଞ୍ଚାୟତ ପ୍ରତିନିଧି

ଉପରୋକ୍ତ ବ୍ୟକ୍ତି ବିଶେଷମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ଅଧକ୍ଷ ରୂପେ ମନୋନିତ କରାଯାଇଛି। ସାମାଜିକ ପ୍ରବାହ ନିର୍ଦ୍ଧାରଣ ସର୍ବେକ୍ଷେଣର ମୂଲ୍ୟାୟନ ନିମନ୍ତେ ନିର୍ଦ୍ଧାରିତ ସମୀକ୍ଷା ବୈଠକ ପ୍ରସ୍ତୁତି ପାଇଁ ଆୟୋଜିତ କରାଯାଇଥିଲା । ଏହି ବୈଠକରେ ସମସ୍ତ ବିଶେଷଜ୍ଞ ଦଳର ସଦସ୍ୟ, ଭୂ-ଅର୍ଜନ ଅଧିକାରୀ, ପୁରୀ,ଉପ-ଜିଲ୍ଲାପାଳ, ପୁରୀ, ଅତିରିକ୍ତ ଜିଲ୍ଲାପାଳ (ଥଇଥାନ ଓ ବିସ୍ଥାପନ), ପୁରୀ ଓ ଜିଲ୍ଲାପାଳ, ପୁରୀ ଏହି ବୈଠକରେ ଭାଗ ନେଇଥିଲେ ।

## *ସାମାଜିକ ପ୍ରବାହ ନିର୍ଦ୍ଧାରଣ ସର୍ବେକ୍ଷେଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ*

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରବାହ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା-୧୩.୧୧.୨୦୨୦ ରିଖ ପୂର୍ବାହ୍ନ ଘ:୧୧ ଷ୍ଠା ସମୟରେ ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ, ପୁରୀ ସମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ।

ନିମ୍ନ ଲିଖିତ ସଦସ୍ୟମାନେ ଉପସ୍ଥିତ ଥିଲେ ।

୧. ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ - ଅଧକ୍ଷ- ତଥା ବୈଷୟିକ ବିଶେଷଜ୍ଞ

୨. ଶ୍ରୀଯୁକ୍ତ ଭବତାରଣ ସାହୁ, ଉପ-ଜିଲ୍ଲାପାଳ, ପୁରୀ - ସଭ୍ୟ - ତଥା- ଆବାହକ

୩. ଡ: ରବୀନ୍ଦ୍ର ନାଥ ମିଶ୍ର, ଅବସରପ୍ରାପ୍ତ ଅଧକ୍ଷ, ସୁରଜମଲ ସାହା ମହାବିଦ୍ୟାଳୟ- ସାମାଜିକ ବିଶେଷଜ୍ଞ

୪. ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ଅଧାପକ ସାମାଜିକ ବିଜ୍ଞାନ - ସାମାଜିକ ବିଶେଷଜ୍ଞ

୫. ଶ୍ରୀ ଲମ୍ବୋଧର ସାହୁ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ - ଥଇଥାନ ବିଶେଷଜ୍ଞ

୬. ଶ୍ରୀ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ପୁରୀ ପୌରପାଳିକା - ପୌରପାଳିକା ପ୍ରତିନିଧି

୭. ଶ୍ରୀ ସ୍ୱାଧୀନ କୁମାର ନାୟକ, ଚେୟାରମ୍ୟାନ , ଅସ୍ତରଙ୍ଗ ପଞ୍ଚାୟତ ସମିତି - ପଞ୍ଚାୟତ ପ୍ରତିନିଧି

ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ଥଇଥାନ ଓ ବିସ୍ଥାପନ) ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ପୂର୍ବକ ସ୍ୱାଗତ ଅଭିଭାଷଣ ଉପସ୍ଥାପନ କଲେ । ତତପରେ ଆଲୋଚ୍ୟ ବିଷୟ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଭାବିତ ଗ୍ରାମ ଓ ୱାର୍ଡ ମାନଙ୍କର ଭିତ୍ତିଭୂମି ଜନଶୁଣାଣିର ସାରାଂଶ, କ୍ଷତିଗ୍ରସ୍ତ ପରିବାରଙ୍କ ଜୀବନ ଜୀବିକା, ଅଧିଗ୍ରହଣ ହେବାକୁ ଥିବା ବ୍ୟକ୍ତିଗତ ଜମି ଜମାର ସମସ୍ୟା, କ୍ଷତିଗ୍ରସ୍ତ ହେଉଥିବା ସରକାରୀ ଅନୁଷ୍ଠାନ କୋଠାବାଡି, ରାସ୍ତା ଏବଂ ବିସ୍ଥାପିତ ହେଉଥିବା ପରିବାରଙ୍କ ସ୍ଥିତି ନେଇ ଆଲୋଚନା ହୋଇଥିଲା ।

ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ, ଅଧକ୍ଷ- ତଥା ବୈଷୟିକ ବିଶେଷଜ୍ଞ ଶ୍ରୀ ସେତୁର ଆବଶ୍ୟକତା ଏବଂ ବିସ୍ତାପିତଙ୍କୁ କେମିତି ଥଇଥାନ କରାଯିବ ଜାଣିବାକୁ ଚାହିଁଥିଲେ । ମାଧବ ସୁନ୍ଦର ପାଢୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଓଡିଶା ସେତୁ ନିଗମ ଲି. Power point presentation ମାଧମରେ ଶ୍ରୀସେତୁ ପ୍ରକଳ୍ପର ନକ୍ସା ଓ ପରିକଳ୍ପନାକୁ ବିଶେଷଜ୍ଞ ଦଳ ସାମ୍ନାରେ ପ୍ରସ୍ତୁତ କଲେ । ଅତିରିକ୍ତ ଜିଲ୍ଲାପାଳ (ଥଇଥାନ ଓ ବିସ୍ଥାପନ) ଶ୍ରୀ ସେତୁ ର ଆବଶ୍ୟକତା ଏବଂ ଥଇଥାନ ଓ ବିସ୍ଥାପନ ନୀତିକୁ ଗୃହରେ ମତବ୍ୟକ୍ତ କରିଥିଲେ ।

ଭୂମି ଅଧିଗ୍ରହଣ ଅଧିକାରୀ ନବ କୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ହୋଇଥିବା ସାମାଜିକ ମୂଲ୍ୟାୟନ ପ୍ରଭାବ ପୁସ୍ତକକୁ ଗୃହରେ ପଢି ଶୁଣାଇଥିଲେ । ପ୍ରଭାବିତ ଗ୍ରାମ ସମଙ୍ଗ, ସମଙ୍ଗ ପଞ୍ଚାୟତ ଅଧୀନରେ ଥିବା ବେଳେ ମାଟିତୋଟା ସାହି, ମାର୍କଣ୍ଡେଶ୍ୱର ସାହି ଓ ଦାଣ୍ଡିମାଳ ସାହି ଗୁଡିକ ପୁରୀ ପୌରପରିଷଦ ଅଧିନସ୍ଥ ପୁରୀ ତହସିଲ ଅନ୍ତର୍ଗତ ଅଟେ । ପ୍ରଭାବିତ ହେବାକୁ ଥିବା ଅଧିବାସୀମାନେ ମୁଖ୍ୟତଃ ଅନୁସୂଚୀତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ସାଧାରଣ ବର୍ଗର ଅଟନ୍ତି । ମୋଟ ୨୫୩ ପରିବାର ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଛନ୍ତି ଏହି ତଥ୍ୟ ସାମାଜିକ ପ୍ରବାହ ଆକଳନ ବିବରଣୀରୁ ଜଣାଯାଏ । ପ୍ରଭାବିତ ପ୍ରତ୍ୟକ ଗ୍ରାମ ଓ ୱାର୍ଡର ସମସ୍ୟା ଓ ତାହାର ସମାଧାନ ନିମନ୍ତେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ପରିଶେଷରେ ଆଜିର ବୈଠକରେ ପୌରହିତ କରୁଥିବା ବିଶେଷଜ୍ଞ ଦଳର ଅଧକ୍ଷ ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର ଏକ ପ୍ରାଞ୍ଜଳ ଅଭିଭାଷଣ ବ୍ୟକ୍ତ କରି, କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଆଇନର ସମୁଚିତ ଧାରାରେ ଉପଯୁକ୍ତ କ୍ଷତିପୂରଣ ଦେଇ ପ୍ରତ୍ୟେକ ପ୍ରଭାବିତ ପରିବାରଙ୍କ ସମସ୍ୟା ଦୂର କରିବା ନିମନ୍ତେ ଭୂ-ଅର୍ଜନ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ଅଧାପକ ସାମାଜିକ ବିଜ୍ଞାନ ତଥା ସାମାଜିକ ବିଶେଷଜ୍ଞ ଉକ୍ତ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ହେଉଥିବା ସରକାରୀ ଜମି, ପୋଖରୀ, ଶ୍ମଶାନ ଭଳି ସର୍ବସାଧାରଣ ଜମିର ସୁରକ୍ଷିତ ରଖିବା ପାଇଁ ବିକଳ୍ପ ଜମିର ବନ୍ଦୋବସ୍ତ କରିବା ପାଇଁ ଉପଦେଶ ଦେଲେ ।

ଶ୍ରୀ ଲମ୍ବୋଧର ସାହୁ, ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ ତଥା ଥଇଥାନ ବିଶେଷଜ୍ଞ ତାଙ୍କ ସୁଚିନ୍ତିତ ମତାମତ ମାଧମରେ ଗୃହକୁ ଜଣାଇଲେ ଯେ ଏହି ପ୍ରକଳ୍ପ ପାଇଁ ମାତ୍ର ଅଳ୍ପ ଜମି ଅଧିଗ୍ରହଣ ପାଇଁ ବାକି ରହିଅଛି । ବାକିତକ ଜମି ସିଧା କ୍ରୟ କରାଯାଇସାରିଲାଣି । ଭୂମି ଅଧିଗ୍ରହଣ କାର୍ଯ୍ୟ ଶିଘ୍ର କରାଯାଉ ।

ଡ: ରବୀନ୍ଦ୍ର ନାଥ ମିଶ୍ର, ଅବସରପ୍ରାପ୍ତ ଅଧକ୍ଷ, ସୁରଜମଲ ସାହା ମହାବିଦ୍ୟାଳୟ ତଥା ସାମାଜିକ ବିଶେଷଜ୍ଞ ଗୃହ କୁ ଜଣାଇଲେ ଯେ ଜମି ଅଧିଗ୍ରହଣ କାର୍ଯ୍ୟ ଶୀଘ୍ର ହେବା ଦରକାର । ଜଗନ୍ନାଥ ବଲ୍ଲଭ ମଠ ଭିତରେ ବାସ କରୁଥିବା ଭୋଇ ପରିବାର ମାନଙ୍କୁ ନିୟମ ମୁତାବକ ଥଇଥାନ କରାଯାଉ । ଏହି ମର୍ମରେ ଶ୍ରୀ

ସ୍ୱାଧୀନ କୁମାର ନାୟକ, ଚେୟାରମ୍ୟାନ , ଅସ୍ତରଙ୍ଗ ପଞ୍ଚାୟତ ସମିତି ତଥା ପଞ୍ଚାୟତ ପ୍ରତିନିଧି ଭୋଇ ପରିବାର ମାନଙ୍କୁ ନିୟମ ମୁତାବକ ଥଇଥାନ କରା ଯିବା ପାଇଁ ମତ ଦେଇଥିଲେ । ଏତତ ବ୍ୟତୀତ ଥଇଥାନ ଓ ପୁନର୍ବାସ ପାଇଁ ଖଡିପଦା ଓ ରେବତୀ ରମଣ ଗ୍ରାମ କୁ ବଛା ଯିବା ପାଇଁ ପ୍ରସ୍ତାବ ଦେଇଥିଲେ ।

ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଅଧକ୍ଷ- ତଥା ବୈଷୟିକ ବିଶେଷଜ୍ଞ ଅଧିଗୃହିତ ଜମିକୁ ପ୍ରସ୍ତାବିତ ପ୍ରକଳ୍ପରେ ସଦବ୍ୟବହାର କରାଯିବା ଏବଂ କ୍ଷତିଗ୍ରସ୍ତ ପରିବାର ମାନଙ୍କୁ ଉଚିତ କ୍ଷତିପୂରଣ ଦେବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ । ଭୋଇ ପରିବାର ସହିତ ଅନ୍ୟ କ୍ଷତିଗ୍ରସ୍ତ ପରିବାର ମାନଙ୍କୁ ଉପଯୁକ୍ତ ଥଇଥାନର ବନ୍ଦୋବସ୍ତ କରିବା ପାଇଁ ଉପଦେଶ ଦେଲେ ।

## ସାମାଜିକ ପ୍ରବାହ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ

ପ୍ରାପ୍ତ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରବାହ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ । ଶ୍ରୀସେତୁ ପ୍ରକଳ୍ପର ସଂପୂର୍ଣ୍ଣ ଡିଜାଇନ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଜମି ଅଧିଗ୍ରହଣର ପ୍ରତିକୂଳ ପ୍ରଭାବକୁ ଯଥେଷ୍ଟ କମ୍ କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ଯେ ଶ୍ରୀସେତୁ ପ୍ରକଳ୍ପ ପାଇଁ ସର୍ବନିମ୍ନ ଜମି ଅଧିଗ୍ରହଣ ହେଉଅଛି । ଯେହେତୁ ଶ୍ରୀସେତୁ ପ୍ରକଳ୍ପ ଶ୍ରୀ ଜଗନ୍ନାଥ ମନ୍ଦିରକୁ ସୁଗମ ଯୋଗାଯୋଗ ବ୍ୟବସ୍ଥା ହେବାର ଅଛି । ଅଧିକୃତ ହେଉଥିବା ଜମି ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଜମି ଅଧିଗ୍ରହଣ ଯୋଗ୍ୟ ନୁହେଁ । ଯେପରି ସର୍ବନିମ୍ନ ଜନବସତି ବିସ୍ଥାପନ ହେବ, ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଅଛି, ପୁନଶ୍ଚ ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରି ଶ୍ରୀସେତୁ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି । ଏହା ପରେ ଜନଶୁଣାଣିରେ ଉତ୍ଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନମତେ ଆଲୋଚନା କରାଯାଇଥିଲା ।

୧-କ୍ଷତିଗ୍ରସ୍ତ ପରିବାରମାନେ ହରାଉଥିବା ଜମିର ସଠିକ୍ କ୍ଷତିପୂରଣ ପାଇବା ନିମନ୍ତେ ଆବଶ୍ୟକ ସ୍ୱତ୍ୱଲିପି ପ୍ରସ୍ତୁତ କରିବାପାଇଁ ବାକି ଥିବା ମକୋଦମା ମାନ ତୁରନ୍ତ ଫଏସଲା କରିବା ପାଇଁ ତହସିଲଦାର ପୁରୀଙ୍କୁ ଅନୁରୋଧ କରାଯାଉ ।

୨-ଏହି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଇଥିବା ଭୋଇ ପରିବାର ମାନଙ୍କୁ ଉଚିତ ଥଇଥାନ କରାଯାଉ ।

ଶ୍ରୀସେତୁ ପ୍ରକଳ୍ପଟି ସମ୍ପୂର୍ଣ ହେଲେ ଭକ୍ତ ଓ ପର୍ଯ୍ୟଟକମାନଙ୍କର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ସୁଗମ ହୋଇପାରିବ । ରଥଯାତ୍ରା ଓ ଅନାନ୍ୟ ସ୍ୱତନ୍ତ୍ର ପୂଜାରେ ଭକ୍ତଙ୍କ ଭିଡକୁ ସୁବ୍ୟବସ୍ଥିତ କରାଯାଇ ପାରିବ । ଭିଡ ସମୟରେ ଆମ୍ବୁଲାନ୍ସ ଓ ଅଗ୍ନି ନିର୍ବାହକ ଯାନ ସହଜରେ ଚଳପ୍ରଚଳ କରାଯାଇପାରିବ । ସର୍ବୋପରୀ ପୁରୀ ସହରକୁ ଏହି ପ୍ରକଳ୍ପଦ୍ୱାରା ଓଡିଶାର ସଂସ୍କୃତିକ ପ୍ରାଣକେନ୍ଦ୍ରରେ ପରିଣତ କରି ସାମାଜିକ ଓ ଅର୍ଥନୈତିକ ଉନ୍ନତି କରାଇପାରିବ ।

ଶେଷରେ ନୂତନ ଆଇନର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ-ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥା ଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

ସଭାଶେଷରେ ଆବାହକ ସଦସ୍ୟ ତଥା ଉପ-ଜିଲ୍ଲାପାଳ, ପୁରୀ ଉପସ୍ଥିତ ସମସ୍ତ ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ପୂର୍ବକ ସଭା ସାଙ୍ଗ ହୋଇଥିଲା ।

୧୩.୧୧.୨୦୨୦

**ଅଧ୍ୟକ୍ଷ**
**ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ**

**<u>ସଭ୍ୟ</u>**

13/11/20
**Sub-Collector, Puri**

13/11/2020

Rabindranath Mishra

Lambodar Sahoo

13.11.2020

13/11/20
*Addl. Executive Officer*
Puri Municipality, Puri